# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୪ଟି ପୁସ୍ତକ ସମ୍ପର୍କରେ ଅନୁଷ୍ଠିତ ହେଲା ଆଲୋଚନା

ବାଲେଶ୍ୱର, (ନି.ପ୍ର.) କେନ୍ଦ୍ର ସାହିତ୍ୟ ଏକାଡେମୀର କୋଲକାତା ସ୍ଥିତ ଆଂଚଳିକ କାର୍ଯ୍ୟାଳୟ ପ୍ରେକ୍ଷାଳୟରେ ଏକ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଆଲୋଚକ ଭାବେ ଯୋଗ ଦେଇ ବଙ୍ଗଳାରେ ଅନୁଦିତ ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଚାରିଟି ପୁସ୍ତକ ସମ୍ପର୍କରେ ଚର୍ଚ୍ଚା କରିଥିଲେ ବିଶିଷ୍ଟ ଅନୁବାଦିକା ପ୍ରଫେସର କୃଷ୍ଣା




ଭଟ୍ଟାଚାର୍ଯ୍ୟ ଏବଂ ଶ୍ୟାମଳ ଭଟ୍ଟାଚାର୍ଯ୍ୟ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀ କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ । ଡକ୍ଟର ଗୌରହରି ଦାସଙ୍କ ଏକାଡେମୀ ପୁରସ୍କାରପ୍ରାପ୍ତ ମୂଳ ଓଡ଼ିଆ ଗଳ୍ପ ସଙ୍କଳନ 'କ[। ଓ ଅନ୍ୟାନ୍ୟ ଗଳ୍ପ'ର ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିବା ପୂର୍ବକ ପ୍ରଫେସର ଭଟ୍ଟାଚାର୍ଯ୍ୟ କହିଥିଲେ ଯେ, ସଂକଳନର ଗଳ୍ପଗୁଡ଼ିକରେ ସାମ୍ପ୍ରତିକ ସମାଜର ନିଚ୍ଛକ ପ୍ରତିଛବି ରହିଛି । ଏହା ଏକ ସାର୍ଥକ ସୃଷ୍ଟି । ମୁଖ୍ୟତଃ ନାରୀ ଚରିତ୍ରମାନଙ୍କର କଥା କହିବାବେଳେ ଲେଖକଙ୍କର ବର୍ଣ୍ଣନା ଖୁବ୍ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇଛି । ଗଳ୍ପଗୁଡ଼ିକ ପଢ଼ିବା ବେଳେ ପାଠକଙ୍କୁ ଲାଗିବ ଯେମିତି କି ସେ ତାହାର ଆଖପାଖରେ ସେମାନଙ୍କୁ ଦେଖିଛି । ଡକ୍ଟର ଦାସଙ୍କ ଏକାଧିକ ଗଳ୍ପରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ହେତୁ କିଭଳି ନାରୀ ନିର୍ଯାତିତ ହେଉଛି ତାହାର କାହାଣୀ ଉପସ୍ଥାପିତ କରିଛନ୍ତି । ଆଉ କେତେକ ଗଳ୍ପରେ ଅସାଧୁ ଏବଂ ଲୋଭୀ ମଣିଷର ନଗ୍ନ ଚରିତ୍ରକୁ ପଦାରେ ପକାଇଛନ୍ତି ଗାଳ୍ପିକ । ସଂକଳନର ଷୋହଳଟି ଗଳ୍ପ ସଂପର୍କରେ ମାର୍ମିକ ଭାବରେ ଆଲୋଚନା କରିଥିଲେ ପ୍ରଫେସର ଭଟ୍ଟାଚାର୍ଯ୍ୟ । ସୂଚନାଯୋଗ୍ୟ ଯେ ୨୦୧୨ ମସିହାରେ ଗଳ୍ପ ସଙ୍କଳନ 'କ[। ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଡକ୍ଟର ଦାସ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ତିନିଟି ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ ବିଶିଷ୍ଟ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ । ସେଗୁଡ଼ିକ ହେଉଛି ବେଦ ରାହୀଙ୍କ ଡୋଗ୍ରୀ ଗଳ୍ପ ସଙ୍କଳନ 'ଆୟ ରେ', ଓମ ଗୋସ୍ୱାମୀଙ୍କ ଡୋଗ୍ରୀ ସଙ୍କଳନ 'ସୋନାର ପକ୍ଷୀ' ଏବଂ ମୋହନ ଭଣ୍ଡାରୀଙ୍କ ପଞ୍ଜାବୀ ଗଳ୍ପ ସଙ୍କଳନ 'କୁମାରୀ ହରିନୀର ଚୋଖ' । ଶେଷରେ ଆଲୋଚକଦ୍ୱୟ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବଙ୍ଗଳା ଭାଷାର ବହୁ ଲେଖକ ଏବଂ ଅନୁବାଦକ ଯୋଗ ଦେଇଥିଲେ ।